

To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.313, ଭଦ୍ରକ, ଶନିବାର, ୧୯, ମଇ ୨୦୧୮ ■ Bhadrak, Saturday, 19 May 2018 Rs. 2.00 Pages-8

କାବେରୀ ବିବାଦ: କେନ୍ଦ୍ରର ସଂଶୋଧିତ ଅନୁମତି ପତ୍ରରେ ସୁପ୍ରିମକୋର୍ଟର ମୋହର

ଆଜି ଅଗ୍ନିପରୀକ୍ଷା

ଅପରାହ୍ନ ୪ଟା ସୁଦ୍ଧା ବହୁମତ ସାବ୍ୟସ୍ତ କରିବାକୁ ୟେଦୁରପ୍ପାଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୮।୫: ଶନିବାର ଅପରାହ୍ଣରେ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି ଏସ ୟାଦୁରପ୍ପାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଜଷ୍ଟି ଏ କେ ସିକ୍ରିଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ବେଞ୍ଚ ଆଜି କର୍ଣ୍ଣାଟକ ମାମଲାରେ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।

ବହୁମତ ନ ଥାଇ କର୍ଣ୍ଣାଟକ ରାଜ୍ୟପାଳ ବାଜୁଭାଇ ବାଲା ବିଜେପି ବିଧାୟକ ଦଳ ନେତା ବିଏସ ୟାଦୁରପ୍ପାଙ୍କୁ ସରକାର ଗଠନ ପାଇଁ ସୁଯୋଗ ଦେଇଥିବା ପରିପ୍ରେକ୍ଷୀରେ କଂଗ୍ରେସ ଓ ଜେଡିଏସ ପକ୍ଷରୁ ସୁପ୍ରିମକୋର୍ଟରେ ବିଳମ୍ବିତ ରାତିରେ ଆବେଦନ କରାଯାଇଥିଲା । ମାମଲାର ବିଚାର ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ସୁପ୍ରିମକୋର୍ଟର ଏକ ୩ ଜଣିଆ ବେଞ୍ଚ ଗଠନ କରିଥିଲେ । ଏହି ବେଞ୍ଚ ଗତକାଲି ସକାଳେ ୟେଦୁରପ୍ପାଙ୍କ ଶପଥଗ୍ରହଣ ଉପରେ କୌଣସି ପ୍ରତିବନ୍ଧକ ଲଗାଇ ନ ଥିଲେ ମଧ୍ୟ ଆଜି ସେ ରାଜ୍ୟପାଳଙ୍କୁ ଦେଇଥିବା ଚିଠି ସୁପ୍ରିମକୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାର ଶୁଣାଣି ଆଜି ସକାଳ ସାଢ଼େ୧୦ଟା ବେଳେ ଆରମ୍ଭ ହୋଇଥିଲା । କଂଗ୍ରେସ ଓ ଜେଡିଏସ ପକ୍ଷରୁ ବରିଷ୍ଠ କଗ୍ରେସ ନତା ତଥା ଆଇନଜୀବୀ ଅଭିଷେକ ସିଙ୍ଘଭି ଦାବି କରିଥିଲେ ଯେ ଯେତେ ଶ୍ରୀଘ୍ର ସମ୍ଭବ ବିଧାନସଭାରେ ଶକ୍ତି ପରୀକ୍ଷା କରାଯାଉ । ମାତ୍ର ବିଜେପି ପକ୍ଷରୁ ଲଢୁଥିବା ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ ଯେ ଅନ୍ତତଃ ବହୁମତ ସାବ୍ୟସ୍ତ କରିବା ପାଇଁ ୟେଦୁରପ୍ପାଙ୍କୁ ୭ ଦିନ ସମୟ ଦିଆଯାଉ । ମାତ୍ର ସୁପ୍ରିମକୋର୍ଟ ଏହି ପ୍ରସ୍ତାବକୁ ଖାରଜ କରି ଆସନ୍ତା କାଲି ଅର୍ଥାତ ଶନିବାର ଅପରାହ୍ନ ୪ଟା ସୁଦ୍ଧା ୟେଦୁରପ୍ପା ବିଧାନସଭାରେ ଶକ୍ତି ପରୀକ୍ଷାଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଆଗାମୀ ୧୫ ଦିନ ମଧ୍ୟରେ ବିଧାସଭାରେ ବହୁମତ ସାବ୍ୟସ୍ତ କରିବା ପାଇଁ ରାଜ୍ୟପାଳ ବାଜୁଭାଇ ବାଲା ୟାଦୁରପ୍ପାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସର୍ବୋଚ୍ଚ ଅଦାଲତ ଏହାକୁ ହ୍ରାସ କରି ଶନିବାର ଅପରାହ୍ନ ୪ଟା ସୁଦ୍ଧା ବହୁମତ ସାବ୍ୟସ୍ତ କରିବା ପାଇଁ ୟେଦୁରପ୍ପାଙ୍କୁ କହିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆସନ୍ତା କାଲି କର୍ଣ୍ଣାଟକ ବିଧାନସଭାରେ ୟେଦ୍ୟୁରପ୍ପା ସରକାରଙ୍କ ବିରୋଧରେ ଆସ୍ଥାଭୋଟ ହେବ । ବିଧାନସଭାରେ ବିଜେପିର ୧୦୪ ସଦସ୍ୟ ଥିବାବେଳେ ମ୍ୟାଜିକ ସଂଖ୍ୟା ହେଉଛି ୧୧୧ । କଂଗ୍ରେସର ୭୮ ଓ ଜେଡିଏସର ୩୮ ସଦସ୍ୟ ଅଛନ୍ତି । ଅର୍ଥାତ ଆସ୍ଥାଭୋଟ ଜିତିବା ପାଇଁ ବିଜେପିକୁ ଆଉ ୭ ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ । ନିଜର ବିଧାୟକଙ୍କୁ ସୁରକ୍ଷିତ ରଖିବା ପାଇଁ କଂଗ୍ରେସ ସେମାନଙ୍କୁ ହାଇଦ୍ରାବାଦ ନେଇ ଯାଇଛି । କିନ୍ତୁ ସେପଟେ ବିଜେପି ମଧ୍ୟ ପ୍ରାୟ ୧୨ ଜଣ ବିଧାୟକଙ୍କ ସମର୍ଥନ **(ପୃଷ୍ଠା-୭)**

- ■ କେ.ଜି. ବୋପେଆ ବାଚସ୍ପତି ନିଯୁକ୍ତ
- ■ ବୋପେଆଙ୍କ ନିଯୁକ୍ତିକୁ ନେଇ ବିରୋଧୀଙ୍କ ଆପତ୍ତି
- ■ ଅସ୍ଥାୟୀ ବାଚସ୍ପତିଙ୍କ ନିଯୁକ୍ତି ନେଇ ସୁପ୍ରିମ୍‌କୋର୍ଟରେ ଦିନ ୧୦.୩୦ ମିନିଟ୍‌ରେ ଶୁଣାଣି
- ■ ୟେଦୁରାପ୍ପା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେନି
- ■ ରାଜ୍ୟପାଳଙ୍କ ଭୂମିକା ଉପରେ ହେବ ଶୁଣାଣି

ସମଲେଶ୍ୱରୀ ଏକ୍ସପ୍ରେସର ଇଞ୍ଜିନ ଲାଇନଚ୍ୟୁତ

ଇଞ୍ଜିନରୁ ବଗି ଅଲଗା ହେଲା

ସମ୍ବଲପୁର, ୧୮।୫ (ସକାଳ ଖବର): ଅଘଟଣ ଯେମିତି ଭାରତୀୟ ରେଳ ବିଭାଗର ପିଛା ଛାଡୁନି । ଗତ କିଛି ଦିନ ତଳେ ବଲାଙ୍ଗିରର କଂଟାବାଞ୍ଜି ଷ୍ଟେସନରୁ ଇଞ୍ଜିନ ବିହୀନ ରେଳବଗି ୧୩ କି.ମି. ପଛକୁ ଗଡିଯିବା ଘଟଣା ଲୋକଙ୍କ ମନରୁ ନଲିଭୁଣୁ ଆଜି ପୁଣି ରାଜ୍ୟର ବଲାଙ୍ଗିର ଓ ରାୟଗଡ଼ାରେ ଘଟିଯାଇଥିବା ଅଘଟଣ ବିଭାଗକୁ କାଠ ଗଡ଼ାରେ ଛିଡା କରାଇଛି । ତେବେ ଏଥିରେ କେହି ମୃତାହତ ହୋଇନାହାଁନ୍ତି ।

ପ୍ରଥମ ଘଟଣାରେ ଆଜି ୧୮୦୦୫ ହାଓ୍ୱଡ଼ା-ଜଗଦଳପୁର ସମଲେଶ୍ୱରୀ ଏକ୍ସପ୍ରେସରେ କିଛି ଯାନ୍ତ୍ରିକ ତ୍ରୁଟୀ କାରଣରୁ ରାୟଗଡ଼ା ଷ୍ଟେସନ ଠାରୁ ୨୦ କି.ମି. ଦୂର ସିଙ୍ଗାପୋର ରୋଡ ଓ କେଟିଗୁଡ଼ା ଷ୍ଟେସନ ମଧ୍ୟରେ ଟ୍ରେନ୍‌ର ଆଗ ଚକ ଲାଇନଚ୍ୟୁତ ହୋଇଥିଲା । ମାତ୍ର ଅନ୍ୟ ସମସ୍ତ ବଗି ସୁରକ୍ଷିତ ଥିଲା । ପରେ ରାୟଗଡ଼ାରୁ ଏକ ଇଞ୍ଜିନ ଯାଇ ବଗିରେ ସଂଯୋଗ ହେବା ସହ ଟ୍ରେନ୍‌କୁ ରାୟଗଡ଼ା ଅଣାଯାଇଥିଲା । ଦେଢ଼ ଘଂଟା ବିଳମ୍ବରେ ଟ୍ରେନ୍ ଟି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଥିଲା । ଦୁର୍ଘଟଣା ସମ୍ପର୍କରେ ଖବର ପାଇ ରେଳ ବିଭାଗର ବରିଷ୍ଠ ଅଧିକାରୀ ମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଅନୁରୂପ ଭାବେ ଆଜି ଏକ ମାଲବାହୀ ଟ୍ରେନ୍ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ଼ ଷ୍ଟେସନ ଅତିକ୍ରମ କରୁଥିବା ସମୟରେ ଇଞ୍ଜିନ୍ ରୁ ବଗି ଅଲଗା ହୋଇଯାଇଥିଲା । କିଛି ବାଟ ଆଗକୁ ଯିବା ପରେ ଚାଳକ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ ଏବଂ ବଗିକୁ ଫେରାଇ ନିଆଯାଇଥିଲା ।

୨୯ରେ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର,୧୮।୫ (ସକାଳ ଖବର): ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକ ସମୟରେ ଆସିବ ବୋଲି ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ କରିଛି। ଏହି ଅନୁଯାୟୀ ଆସନ୍ତା ମଇ ୨୯ ତାରିଖରେ ମୌସୁମୀ କେରଳ ଛୁଇଁବ । ତେବେ ଏଥିରେ ୩-୪ ଦିନ ଏପାଖ ସେପାଖ ହୋଇପାରେ । କେରଳରେ ମୌସୁମୀ ଛୁଇଁବାର ପ୍ରାୟ ୧୦ ଦିନ ପରେ ଓଡ଼ିଶାରେ ପହଂଚିଥାଏ । ଏଣୁ ଆସନ୍ତା ମାସ ୮ ରୁ ୧୦ ତାରିଖ ମଧ୍ୟରେ ଓଡ଼ିଶାରେ ମୌସୁମୀ ଆସିବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ଆସନ୍ତା ୨୩ ତାରିଖରେ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପହଂଚିବାର ସମ୍ଭାବନା ରହିଛି, ଯାହାକି ସ୍ୱାଭାବିକ ସମୟଠାରୁ ୩ ଦିନ ବିଳମ୍ବରେ ପହଂଚିବ ।

ମାଓ ଦମନରେ ସଫଳତା

ବଲାଙ୍ଗୀର, କନ୍ଧମାଳ ପୋଲିସକୁ ମୁଖ୍ୟମନ୍ତ୍ରୀଙ୍କ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା

ଭୁବନେଶ୍ୱର, ୧୮।୫ (ସକାଳ ଖବର): ବଲାଙ୍ଗୀର ଓ କନ୍ଧମାଳରେ ମାଓ ଦମନ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପୋଲିସକୁ ବିଶେଷ କରି କନ୍ଧମାଳ ଓ ବଲାଙ୍ଗୀର ଜିଲ୍ଲା ପୋଲିସ୍ ଓ ଏସଓଜି ବାହିନୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମାଓ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଉଭୟ ବଲାଙ୍ଗୀର ଓ କନ୍ଧମାଳ ଜିଲ୍ଲା ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଛନ୍ତି । ବର୍ତ୍ତମାନ ଦିଆଯାଉଥିବା ପୁରସ୍କାର ରାଶି ସହିତ ଅତିରିକ୍ତ ରାଶି ହିସାବରେ ଏହି ପୁରସ୍କାର ଦିଆଯିବ । ଏହା ସହିତ ଏହି ଅପରେସନ୍‌ରେ ଅଂଶଗ୍ରହଣ କରିଥିବା ପୋଲିସ୍ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସମ୍ମାନିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶୁକ୍ରବାର ଦିନ ସଚିବାଳୟ ଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ମାଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟରେ ମାଓ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ମାଓବାଦୀମାନଙ୍କୁ **(ପୃଷ୍ଠା-୭)**

ସହରରେ ମାତିଛି ଭାଲୁ

ଯାଜପୁର, ୧୮।୫ (ସକାଳ ଖବର): ଯାଜପୁରରୋଡ୍ ଅଞ୍ଚଳରେ ଭାଲୁ ଆତଙ୍କ ଦେଖିବାକୁ ମିଳିଛି । ଦଳା ବାଇପାସ୍ ନିକଟ ବୁଦା ମୂଳରେ ଭାଲୁଟି ଲୁଚିଥିବା ଆଶଙ୍କା କରାଯାଉଛି । ଘଟଣାସ୍ଥଳରେ ପୋଲିସ, ବନବିଭାଗ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚିଛନ୍ତି । ହେଲେ ଭାଲୁଟିକୁ ଧରିବା ସମ୍ଭବ ହୋଇପାରିନାହିଁ । ଆଜି ଭୋର ସମୟରେ ଭାଲୁଟି ଯାଜପୁର ରୋଡ୍ ଅଞ୍ଚଳକୁ ପଶି ଆସିଥିଲା । ଭାଲୁକୁ ଦେଖି ସ୍ଥାନୀୟ ଲୋକେ ଟେକା ପଥର ମାଡ଼ କରିବା ସହ କିଛି ବାଣ ମଧ୍ୟ ଫୋପାଡ଼ିଥିଲେ । ଯାହା ଫଳରେ ଭାଲୁଟି ଭୟରେ ବୁଦା ମୂଳରେ ଲୁଚି ରହିଛି । ଭାଲୁଟିକୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ଜାଲ ବିଛାଯାଇଛି ।

ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୧୩.୫.୧୮)
୪,୫୩,୪୧୧

ମାଓ ବର୍ବରତା

୩ ଗାଡ଼ି ପୋଡ଼ିଲେ ଠିକାଦରଙ୍କୁ ହତ୍ୟା

ମାଲକାନଗିରି, ୧୮।୫ (ସକାଳ ଖବର): ସୀମାନ୍ତ ଛତିଶଗଡ଼ ରାଜ୍ୟ ଦନ୍ତେଓ୍ୱାଡ଼ା ଜିଲ୍ଲାରେ ସାଥି ମାଓବାଦୀଙ୍କ ମୃତ୍ୟୁର ପ୍ରତିବାଦରେ ଆଜି ସକାଳୁ ମାଓବାଦୀମାନେ ରାସ୍ତା ନିର୍ମାଣ କାମ କରୁଥିବା ଠିକାଦାରକୁ ହତ୍ୟା କରିବା ସହ ୩ଟି ଗାଡ଼ି ପୋଡ଼ି ଦେଇଥିବା ଦନ୍ତେଓ୍ୱାଡ଼ା ଏସପି କମଳ ଲୋଚନ କଶ୍ୟପ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଭାସି ଥାନା ଅନ୍ତର୍ଗତ ମାସାପାରା ଗ୍ରାମରେ ଆଜି ସକାଳୁ ଶ୍ରମିକ ମାନଙ୍କ ଦ୍ୱାରା ରାସ୍ତା ନିର୍ମାଣ କାମ ଚାଲିଥାଏ । ଏହି ସମୟରେ ମାଓବାଦୀଙ୍କ ଭୈହରମଗଡ଼ ଦଳମର ୨୦ରୁ ୩୦ ଜଣ ମାଓବାଦୀ ଆସି ଶ୍ରଅମିକ ମାନଙ୍କୁ ମାରପିଟ କରି ସେଠାରୁ ବିତାଡ଼ଇତ କରିଦେଇ ଗୋଟିଏ ଟ୍ରାକ୍ଟର, ଡମ୍ପର, ମିକ୍ସଚର ମେସିନରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ । ଏଥିରେ ବି ସେମାନଙ୍କ ରାଗ କମି ନଥିଲା । ଗଲା ବେଳେ ଠିକାଦାର ଜୟଦେବଙ୍କୁ ପିଟି ପିଟି ହତ୍ୟା କରି ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ । ଘଟଣାସ୍ଥଳରେ ବହୁ ସଂଖ୍ୟାରେ ପୋଷ୍ଟର ଛାଡ଼ିଥିବା ଜଣାପଡ଼ିଛି ।

ଦିଲ୍ଲୀପ ତିର୍କୀ ହେଲେ ଓଟିଡିସି ଅଧ୍ୟକ୍ଷ

ଭୁବନେଶ୍ୱର, ୧୮।୫ (ସକାଳ ଖବର):ପୂର୍ବତନ ସାଂସଦ ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲ୍ଲୀପ ତିର୍କୀଙ୍କୁ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶ୍ରୀ ତିର୍କୀଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି ।ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ହେବ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର କେହି ଅଧ୍ୟକ୍ଷ ନ ଥିଲେ। ବିଜେଡି ନେତା ନରେନ୍ଦ୍ର ସ୍ୱାଇଁଙ୍କୁ ରାଜ୍ୟ ସରକାର ଓଟିଡିସିର ଅଧକ୍ଷ ପଦରେ ନିଯୁକ୍ତି ଦେଇଥିଲେ। ମାତ୍ର ସେ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଏହି ଖାଲି ପଡ଼ିଥିଲା। ନିକଟରେ ରାଜ୍ୟସଭାର ସାଂସଦ ଭାବେ ଦିଲ୍ଲୀପ ତିର୍କୀଙ୍କର କାର୍ଯ୍ୟାଳୟ ଶେଷ ହୋଇଥିଲା। ତେଣୁ ତାଙ୍କୁ ରାଜ୍ୟସରକାର ଓଟିଡିସିର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

ରମ୍‌ଜାନ୍ ମାସ ଆରମ୍ଭ ଅବସରରେ ଭୁବନେଶ୍ୱରର ଏକ ମସ୍‌ଜିଦ୍‌ରେ ସମୂହ ପ୍ରାର୍ଥନା

୨୧ରେ ବଲାଙ୍ଗୀରରେ ଏଲପିଜି ବଟଲିଂ ପ୍ଲାଣ୍ଟର ଭିତିପ୍ରସ୍ତର ସ୍ଥାପନ

ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଥାଓ୍ୱରଚାନ୍ଦ ଗେହଲଟ

ଭୁବନେଶ୍ୱର,୧୮।୫ (ସକାଳ ଖବର): ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ଆସନ୍ତା ୨୧ ତାରିଖରେ ବଲାଙ୍ଗୀର ଜିଲ୍ଲାର ବିରକାନୀ ଠାରେ ଏକ ଏଲପିଜି ବଟଲିଂ ପ୍ଲାଂଟର ଭିତିପ୍ରସ୍ତର ସ୍ଥାପନ କରାଯିବ । କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ , ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ବଟଲିଂ ପ୍ଲାଂଟର ଭିତିପ୍ରସ୍ତର ସ୍ଥାପନ କରିବେ ବୋଲି ବିପିସିଏଲର ପୂର୍ବାଂଚଳ ଏଲପିଜି ମ୍ୟାନେଜର ଅତୁଲ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ୧୦୩ କୋଟି ଟଙ୍କା ବ୍ୟୟ ଅଟକଳରେ ୨୩ ଏକର ସ୍ଥାନରେ ନିର୍ମିତ ହେବାକୁ ଥିବା ଏହି ପ୍ଲାଂଟରେ ପ୍ରତିବର୍ଷ ୪୨ ଲକ୍ଷ ସିଲିଣ୍ଡର ଉତ୍ପାଦନ କରିବାର କ୍ଷମତା ରହିବ। ଏହି ପ୍ଲାଂଟ ୨୦୨୦ ମାର୍ଚ୍ଚ ମାସ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ ରଖାଯାଇଛି। ବଲାଙ୍ଗୀରରେ ଏହି ପ୍ଲାଂଟ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୧୪ଟି ଜିଲ୍ଲାର ଉପଭୋକ୍ତାଙ୍କୁ ଏଲପିଜି ସିଲିଣ୍ଡର ଯୋଗାଣ କରିବ । ଏହି ଜିଲ୍ଲା ଗୁଡିକ ହେଲା ବଲାଙ୍ଗୀର , ଝାରସୁଗୁଡା , ସମ୍ବଲପୁର , ବରଗଡ, କଳାହାଣ୍ଡି , ସୋନପୁର , କୋରାପୁଟ, ମାଲକାନଗିରି , ନବରଙ୍ଗପୁର, ବୌଦ୍ଧ, କନ୍ଧମାଳ , ରାୟଗଡା , ସୁନ୍ଦରଗଡ ଏବଂ ନୂଆପଡା। ସେ ଆହୁରି କହିଛନ୍ତି ଯେ ବିପିସିଏଲ ପକ୍ଷରୁ ନିର୍ମାଣ ହେବାକୁ ଯାଉଥିବା ଏହି ବଟଲିଂ ପ୍ଲାଂଟ ଓଡିଶାରେ ଦ୍ୱିତୀୟ । ଏହା ପୂର୍ବରୁ ଖୋର୍ଦ୍ଧା ଠାରେ ୧୯୮୮ ମସିହାରେ ଏକ ବଟଲିଂ ପ୍ଲାଂଟ ନିର୍ମାଣ କରାଯାଇଥିଲା। ଏହା ବ୍ୟତୀତ ବାଲେଶ୍ୱର , ଖୋର୍ଦ୍ଧା , ଝାରସୁଗୁଡା ଓ ଜଟଣୀ ଠାରେ ଅନ୍ୟାନ୍ୟ ତୈଳ କମ୍ପାନୀ ର ବଟଲିଂ ପ୍ଲାଂଟ ରହିଛି। ସେହିପରି ଉପଭୋକ୍ତା ମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ପରେ ଭୁବନେଶ୍ୱର ଓ ରାୟଗଡା ଠାରେ ଆଉ ୨ଟି ପ୍ଲାଂଟ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି। ନୂତନ ପ୍ଲାଂଟ ଗୁଡିକର ନିର୍ମାଣ ଶେଷ ହେବା ପରେ ଓଡିଶାରେ ମୋଟ ୭ଟି ବଟଲିଂ ପ୍ଲାଂଟରୁ ବାର୍ଷିକ ୪.୦୬ କୋଟି ସିଲିଣ୍ଡର ଉତ୍ପାଦନ କରାଯାଇ ପାରିବ ବୋଲି ସେ କହିଛନ୍ତି । **(ପୃଷ୍ଠା-୭)**

ଆଜି ପ୍ରକାଶ ପାଇବ ଯୁକ୍ତ ୨ ବିଜ୍ଞାନ ରେଜଲ୍ଟ

ଭୁବନେଶ୍ୱର,୧୮।୫ (ସକାଳ ଖବର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ବିଭାଗ ପରୀକ୍ଷା ଫଳ ଆସନ୍ତାକାଲି ପ୍ରକାଶ ପାଇବ। ପୂର୍ବାହ୍ନ ୧୧ଟାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ପରିଷଦ କାର୍ଯ୍ୟାଳୟରେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିବେ। ଏହାପରେ ଛାତ୍ରଛାତ୍ରୀମାନେ ଡବ୍ଲୁଡବ୍ଲୁଡବ୍ଲୁ. ସିଏଚଏସଇ ଓଡିଶା.ଏନଆଇସି.ଇନ ଓ ଡବ୍ଲୁଡବ୍ଲୁଡବ୍ଲୁ. ଓଡିଶାରେଜଲ୍ଟସ୍.ଏନଆଇସି.ଇନ୍ ମାଧ୍ୟମରେ ସେମାନଙ୍କ ଫଳ ଜାଣିପାରିବେ। ଏଥର ମଧ୍ୟ ପରୀକ୍ଷା ଫଳ ପୁସ୍ତିକା ପ୍ରକାଶ ପାଇବ ନାହିଁ। ଗତଥର ପରି ଏଥର ମଧ୍ୟ ରେଜଲ୍ଟ ଜାଣିବା ଲାଗି ପରୀକ୍ଷାର୍ଥୀଙ୍କୁ ରୋଲ ନମ୍ବର ଏବଂ ରେଜିଷ୍ଟ୍ରେସନ ନମ୍ବରର ଆବଶ୍ୟକତା ରହିଛି। ଓ୍ୱେବସାଇଟରେ ଉଭୟ ନମ୍ବର ଦାଖଲ ନ କଲେ ପରୀକ୍ଷା ଫଳ ବାହାରିବ ନାହିଁ ବୋଲି ପରିଷଦର ଉପ ପରୀକ୍ଷା ନିୟନ୍ତ୍ରକ ପ୍ରବୋଧ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଅପରପକ୍ଷରେ ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗର ପରୀକ୍ଷା ଫଳ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ବାହାରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୫ରୁ ୨୯ **(ପୃଷ୍ଠା-୭)**

µÿŸäþþæœÿZÿ ÓÉNÿ LÿÀÿ¯ÿæ D¨{Àÿ SÀÿ†ÿæ{Àÿæ¨

µÿ’ÿLÿ, 18›5 (ÓLÿæÁÿ Q¯ÿÀÿ):

¯ÿ¿æxÿþ+œÿ ¨Éä~ É¯ÿÀÿ D’ÿWæsœÿ

¨Àÿê, 18›5 (ÓLÿæÁÿ Q¯ÿÀÿ):

160-O

I&PR- 25013/11/0004/1819

µÿ¯ÿ{œÿÉÀÿ{Àÿ Aæ¾ÿþœÿßþ þ¿fAþ ¨†ÿÏæ LÿÀÿ¯ÿ Aæ¾ÿþœÿßþ Aæ{ÓæÓFÓœÿ Aüÿ BƒAæ : œÿÿ¿àÿ{Lÿæ Ašä

Aæs Aüÿ Sµÿó ’ÿ¯ÿÓ{Àÿ ¯ÿÉ {ÀÿÿLÿxÿ {SæsF ’ÿœÿ{Àÿ {LÿæsF

†ÿæÀÿ{`ÿÀÿ Üÿèÿ{Àÿæ þ¢ÿÀÿÀÿ œÿÿþæ~ ¨æB ¯ÿµÿÿŸ Sæþ{Àÿ {f¿æ†ÿ ¨ÀÿLÿþæ

µÿ’ÿLÿ ¯ÿæ~f¿ H ¨Àÿ ¯ÿÜÿœÿ ¨þQ ÉæÓœÿ Ó`ÿ¯ÿ ÓÞ Óþêäæ {¯ÿvLÿ

¯ÿ¯ÿ{œÿÉÀÿ µÿxÿæ WÀÿ {ÓLÿ Àÿ¿æ{Lÿs vÿæ¯ÿ

þÜÿæœÿæ’ÿê ÓÀÿäæ Aµÿÿ¾æœÿÿAÿ †ÿ†ÿêß ’ÿœÿ, {Óæœÿ¨¨Àÿ, {¯ÿó• H Aœÿÿþàÿ{Àÿ ÓæµÿÿæÓ

Àÿæf¿Àÿ A™LÿæÉ ×æœÿ{Àÿ ¯ÿÏ Ó»æ¯ÿœÿæ

8 ’ÿüÿæ ’ÿæ¯ÿ¯ÿ {œÿB fs~ê þ¿œÿÓ¨Ó¨¨æsÀÿ A¯ÿÓÀÿ¨ ¯ÿ¿Óó ÓÚ`ÿ¯ÿ ÓÚæ`ÿ Lÿþ`ÿæÀÿê ÓóWÀÿ ÓºÿÓÿ`ÿÀÿÿ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate, BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ’ÿLÿ : Aþ†ÿ Lÿþæ Àÿ þàÿLÿ